# NATIONAL NEWS BULLETIN (ODIA)
## 29 March - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀଙ୍କ ସହ ରୁଷ-ୟୁକ୍ରେନ୍ ଯୁଦ୍ଧ ବିଷୟରେ ଆଲୋଚନା କରିଛନ୍ତି ।
- ନିର୍ବାଚନ କମିଶନ୍ ର **C-Vigil** ଆପ୍‌ରେ ଏପର୍ଯ୍ୟନ୍ତ ୭୯ ହଜାର ଅଭିଯୋଗ ଦାଖଲ ହୋଇଛି ।
- ମହାରାଷ୍ଟ୍ରର ରାମ୍‌ଟେକ୍ ଲୋକସଭା ଆସନରେ କଂଗ୍ରେସ ଏହାର ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରିଛି ।
- ଗାଜାରେ ଦୁର୍ଭିକ୍ଷ ପରିସ୍ଥିତିକୁ ଏଡ଼ାଇବା ଲାଗି ସେଠାକୁ ନିର୍ବିଘ୍ନରେ ସହାୟତା ପହଞ୍ଚାଇବା ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟ ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏବଂ

- ମିକ୍ସଡ୍ ଡବଲ୍ସ ଜୋଡ଼ି ଏନ୍. ସିକ୍କି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀ ମାଦ୍ରିଦ୍ ସ୍ପେନ୍ ମାଷ୍ଟର୍ସ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

# ଜୟଶଙ୍କର-ୟୁକ୍ରେନ୍ ଏଫ୍ଏମ୍

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଦିମିତ୍ରୋ କୁଲେବାଙ୍କ ସହ ରୁଷ-ୟୁକ୍ରେନ୍ ଯୁଦ୍ଧ ବିଷୟରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜୟଶଙ୍କର କହିଛନ୍ତି, ଉଭୟ ନେତାଙ୍କ ମଧ୍ୟରେ ଆନ୍ତର୍ଜାତିକ ଓ ଆଞ୍ଚଳିକ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ହୋଇଛି । ଦ୍ୱିପକ୍ଷିୟ ସହଯୋଗ ସମେତ ମୋଟାମୋଟି ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ବଚନବଦ୍ଧତାକୁ ସେ ଦୋହରାଇଛନ୍ତି ।

ବୈଠକ ସମୟରେ ଉଦ୍‌ଘାଟନୀ ମନ୍ତବ୍ୟ ଦେଇ ଶ୍ରୀ ଜୟଶଙ୍କର କହିଥିଲେ, ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀଙ୍କର ଏହି ଗସ୍ତ ୟୁକ୍ରେନ୍ ପରିସ୍ଥିତିକୁ ବୁଝିବା ପାଇଁ ସୁଯୋଗ ପ୍ରଦାନ କରିଛି । ସେ କହିଥିଲେ, କିଛି ମାସ ତଳେ ବିଭିନ୍ନ ସ୍ତରରେ ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଥିଲା ଓ କିଛି ଦ୍ୱିପକ୍ଷିୟ କଥାବାର୍ତ୍ତା ହୋଇଥିଲା । ଏହା ଯୋଗୁଁ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଭାରତକୁ ଦୁଇଦିନ ଗସ୍ତରେ ଆସିଛନ୍ତି ।

# ଇ.ସି.-ସି ଭିଜଲ୍ ଆପ୍

ନିର୍ବାଚନ କମିଶନ୍ ର **C-Vigil** ଆପ୍‌ରେ ୭୯ ହଜାର ଆଚରଣବିଧି ଲଙ୍ଘନ ଅଭିଯୋଗ ଦାଖଲ ହୋଇଛି । ନିର୍ବାଚନ କମିଶନ୍ କହିଛି, ଶତକଡ଼ା ୯୯ ଭାଗ ଅଭିଯୋଗର ସମାଧାନ କରାଯାଇଛି । ଅଭିଯୋଗର ୧୦୦ ମିନିଟ୍ ମଧ୍ୟରେ ଶତକଡ଼ା ୮୯ ଭାଗ ଅଭିଯୋଗର ସମାଧାନ ହୋଇଛି । ୫୮ ହଜାର ୫୦୦ ଅଭିଯୋଗ ବେଆଇନ୍ ହୋଡିଙ୍ଗ୍ ଓ ବ୍ୟାନର ଉପରେ ଥିଲା । ୧୪୦୦ରୁ ଅଧିକ ଅଭିଯୋଗ ଅର୍ଥ, ଉପହାର ଓ ମାଦକଦ୍ରବ୍ୟ ବଣ୍ଟନ ଉପରେ ଥିଲା । ଶତକଡ଼ା ୩ ଭାଗ ଅଭିଯୋଗ ସମ୍ପତି ନଷ୍ଟ ଉପରେ ରହିଥିଲା । ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରିବା ଓ ଭୟ ପରିଦର୍ଶନ କରିବା ସଂକ୍ରାନ୍ତରେ ୫୩୫ଟି ଅଭିଯୋଗ ରହିଥିଲା । ତାହା ମଧ୍ୟରୁ ୫୨୯ଟି ଅଭିଯୋଗର ସମାଧାନ କରାଯାଇଥିଲା । ୧ ହଜାର ଅଭିଯୋଗ ନିର୍ବାଚନ ପ୍ରଚାର କରିବା ସମୟ ପରେ ପ୍ରଚାର କରିବା ସମ୍ବନ୍ଧରେ ରହିଥିଲା ।

**C-Vigil** ଆପ୍ ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନକୁ ନିଶ୍ଚିତ କରିବା ପାଇଁ ବୈଷୟିକ ଜ୍ଞାନର ବହୁଳ ବ୍ୟବହାର ଉପରେ ପର୍ଯ୍ୟବେଶିତ ।

# ମହା କଂଗ୍ରେସ ରାମ୍‌ଟେକ୍

ମହାରାଷ୍ଟ୍ରର ରାମ୍‌ଟେକ୍ ଲୋକସଭା ଆସନରେ କଂଗ୍ରେସ ଏହାର ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛି । ସେହି ଆସନଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି । କଂଗ୍ରେସ ସେଠାରେ ରଶ୍ମି ବାର୍‌ବେଙ୍କୁ ଛିଡ଼ା କରାଇଥିଲା, କିନ୍ତୁ ତାଙ୍କର ଜାତି ସାର୍ଟିଫିକେଟ୍ ଅବୈଧ ଘୋଷଣା ହୋଇଥିଲା । ଗତକାଲି ସାମାଜିକ ନ୍ୟାୟ ବିଭାଗର ଜିଲ୍ଲା ଜାତି ସାର୍ଟିଫିକେଟ୍ ଯାଞ୍ଚ କମିଟି ତାହାକୁ ଅବୈଧ ଘୋଷଣା କରିଥିଲା । ଫଳରେ ବାର୍‌ବେଙ୍କ ପ୍ରାର୍ଥୀତ୍ୱ ନାକଚ ହୋଇଯାଇଥିଲା ଓ କଂଗ୍ରେସ ତାଙ୍କର ପତୀ ଶ୍ୟାମାରାଓ ବାର୍‌ବେଙ୍କୁ ସେଠାରୁ ଛିଡ଼ା କରାଇଥିଲା । ସେହି ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ୨୭ ତାରିଖରେ ଶେଷ ହୋଇଥିଲା ଓ ୨୮ ତାରିଖରେ ସେଗୁଡ଼ିକୁ ଯାଞ୍ଚ କରାଯାଇଥିଲା ।

ଶ୍ୟାମାରାଓ ବାର୍‌ବେ ବଦଳ ପ୍ରାର୍ଥୀ ଭାବେ ତାଙ୍କର ମନୋନୟନପତ୍ର ଦାଖଲ କରିଥିଲେ ଓ ତାଙ୍କର ପତ୍ନୀଙ୍କର ମନୋନୟନ ପ୍ରତ୍ୟାଖ୍ୟାନ ହୋଇଯିବା ପରେ କଂଗ୍ରେସର ଆନୁଷ୍ଠାନିକ ପ୍ରାର୍ଥୀ ହୋଇଥିଲେ ।

ରଶ୍ମୀ ବାର୍‌ବେଙ୍କ ଜାତି ସାର୍ଟିଫିକେଟ୍ ପ୍ରତ୍ୟାଖ୍ୟାନ ହୋଇଯିବା ପରେ ଏହାକୁ ଚ୍ୟାଲେଞ୍ଜ କରି ସେ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚକୁ

ଯାଇଥିଲେ । ଏପ୍ରିଲ୍ ପହିଲାରେ ଏହାର ଶୁଣାଣି ପାଇଁ ଖଣ୍ଡପୀଠ ଦିନଧାର୍ଯ୍ୟ କରିଛନ୍ତି ।

## ବିହାର-ସ୍କୁଟିନି

ବିହାରର ଗୟା, ନଓ୍ୱାଡା, ଜାମୁଇ ଓ ଔରଙ୍ଗାବାଦ ଲୋକସଭା ଆସନରେ ଆସନ୍ତାକାଲି ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ । ମୋଟ୍ ୭୨ ଜଣ ପ୍ରାର୍ଥୀ ମନୋନୟପତ୍ର ଦାଖଲ କରିଛନ୍ତି । ଗୟାରୁ ସର୍ବାଧିକ ୨୨ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିବା ବେଳେ ଔରଙ୍ଗାବାଦରୁ ୨୧ ଜଣ ଓ ନଓ୍ୱାଡ଼ାରୁ ୧୭ ଜଣ ମନୋନୟନପତ୍ର ଦାଖଲ କରିଛନ୍ତି । ଜାମୁଇରୁ ୧୨ ଜଣ ମନୋନୟନପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଏପ୍ରିଲ୍ ୨ ତାରିଖ ରହିଛି । ଏପ୍ରିଲ୍ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସେଗୁଡ଼ିକରେ ମତଦାନ ହେବ ।

## ଲକ୍ଷ୍ନୌ-ଅନୁରାଗ ଠାକୁର

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଲକ୍ଷ୍ନୌ ଠାରେ ବିକଶିତ ଭାରତ ଆମ୍ବାସଡ଼ର ବୈଠକରେ ଉଦ୍‌ବୋଧନ ଦେଇଛନ୍ତି । ସେ

କହିଛନ୍ତି, କ୍ରୀଡ଼ା ଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟନ୍ତ ଓ ମୌଳିକଢାଞ୍ଚା ଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ଚଳିତ ଦଶନ୍ଧିରେ ଭାରତ ଅଗ୍ରଣୀ ରହିଛି । କୃଷିର ଆଧୁନିକୀକରଣ ପାଇଁ ବୈଷୟିକଜ୍ଞାନ ଓ କୃଷି ବୈଷୟିକ ଷ୍ଟାର୍ଟଅପ୍ ଗୁଡ଼ିକର ଭୂମିକାକୁ ଉଲ୍ଲେଖ କରି ସେ କହିଛନ୍ତି, ଏଗୁଡ଼ିକ ଯୋଗୁଁ ଉଦ୍ୟୋଗପତିମାନେ କ୍ଷମତାପନ୍ନ ହୋଇଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି । ସେ କହିଛନ୍ତି, ବିକଶିତ ଭାରତର ଲକ୍ଷ୍ୟ ହାସଲରେ ଉତ୍ତରପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଇସ୍ରାଏଲ୍ ଅର୍ଡର୍

ଗାଜାରେ ଇସ୍ରାଏଲ୍‌ର ପ୍ରତିଆକ୍ରମଣ ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ନ୍ୟାୟାଳୟ’ ଗାଜାରେ ଦୁର୍ଭିକ୍ଷ ପରିସ୍ଥିତିକୁ ଏଡ଼ାଇବା ଲାଗି ସେଠାକୁ ନିର୍ବିଘ୍ନରେ ସହାୟତା ପହଞ୍ଚାଇବା ପାଇଁ ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି । ଆନ୍ତର୍ଜାତିକ ନ୍ୟାୟାଳୟରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । କିଛି ସପ୍ତାହ ମଧ୍ୟରେ ଗାଜାରେ ଦୁର୍ଭିକ୍ଷ ପଡ଼ିବାର ସତର୍କତା ଜାରି କରାଯାଇଥିଲା । **Integrated Food Security Phase Classification Global Initiative** ଗାଜାରେ ଦୁର୍ଭିକ୍ଷ ପଡ଼ିବା ବିଷୟରେ ଅନୁମାନ କରିଛି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ଏହି ସଂସ୍ଥା ପରିଚାଳିତ ହୋଇଥାଏ ।

ସହାୟତାକୁ ଅବରୋଧ କରୁଥିବା ଅଭିଯୋଗକୁ ଇସ୍ରାଏଲ୍ ଭିତ୍ତିହୀନ ବୋଲି କହିଛି । ଆନ୍ତର୍ଜାତିକ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଜବାବରେ ଇସ୍ରାଏଲ୍ ବୈଦେଶିକ ମନ୍ତ୍ରଣାଳୟ କହିଛି, ନୂଆନୂଆ ଉପାୟକୁ ପ୍ରଶ୍ରୟ ଦିଆଯାଉଛି ଓ ଗାଜାରେ ସହାୟତା ପହଞ୍ଚିବା ଲାଗି ପୂର୍ବରୁ କାର୍ଯ୍ୟକାରି ହୋଇଥିବା ଉପାୟ ଗୁଡ଼ିକୁ ଜାରି ରଖାଯାଇଛି । ଗାଜାରେ ଜଳ, ସ୍ଥଳ ଓ ଆକାଶ ପଥ ଦେଇ ସହାୟତା ପହଞ୍ଚୁଥିବାର ଇସ୍ରାଏଲ୍ କହିଛି । ଗାଜାର ସାମ୍ପ୍ରତିକ ପରିସ୍ଥିତି ପାଇଁ ହମାସ ଦାୟୀ ବୋଲି ଇସ୍ରାଏଲ୍ ତାର ଆଭିମୁଖ୍ୟକୁ ଦୋହରାଇଛି ।

## ପିଏମ୍-ସ୍ମରଣାନନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶ୍ରୀମତ ସ୍ୱାମୀ ସ୍ମରଣାନନ୍ଦ ଜୀ ମହାରାଜ ଭାରତର ଆଧ୍ୟାତ୍ମିକ ଜାଗରଣର କର୍ଣ୍ଣଧାର ଥିଲେ । ତାଙ୍କର ପରଲୋକ ଗମନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ବ୍ୟକ୍ତିଗତ କ୍ଷତି ବୋଲି ସେ କହିଛନ୍ତି । ଏକ ବ୍ଲଗ୍‌ରେ ଶ୍ରୀ ମୋଦୀ କହିଛନ୍ତି, କିଛି ବର୍ଷ ପୂର୍ବେ ସ୍ୱାମୀ ଆତ୍ମସ୍ଥନନ୍ଦ ପରଲୋକ ଗମନ କରିଥିଲେ ଓ ବର୍ତ୍ତମାନ ଶ୍ରୀମତ ସ୍ୱାମୀ ସ୍ମରଣାନନ୍ଦ ଜୀ ମହାରାଜ ପରଲୋକ ଗମନ କରିବାରୁ ଆଧ୍ୟାତ୍ମିକ ଜଗତରେ ଶୋକର ଛାୟା ଖେଳିଯାଇଛି । ସେ କହିଛନ୍ତି, ଏହି ସନ୍ଥମାନେ

ଆଧୁନିକ ଶିକ୍ଷା, ଦକ୍ଷତା ବିକାଶ ଓ ମହିଳା ସଶକ୍ତିକରଣକୁ ସମର୍ଥନ କରିଆସୁଛନ୍ତି ।

## ଏଫ୍‌ଟିଏକ୍ସ-ସେଣ୍ଟେନ୍‌ସ

ଆମେରିକାରେ ପୂର୍ବତନ କ୍ରାଇପ୍ଟୋ କରେନ୍‌ସି ଉଦ୍ୟୋଗପତି ଶାମ୍ ବ୍ୟାଙ୍କ୍‌ମ୍ୟାନ୍ ଫ୍ରାଏଡ୍‌ଙ୍କୁ ୨୫ ବର୍ଷର କାରାଦଣ୍ଡାଦେଶ ଦିଆଯାଇଛି । ଏଫ୍.ଟି.ଏକ୍ସ. ମାମଲାରେ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି । ସେ ୮୦୦ କୋଟି ଡଲାର୍ ଗ୍ରାହକମାନଙ୍କ ଠାରୁ ଠକି ନେଇଥିବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ତାଙ୍କ ଠାରୁ ଜବତ ହୋଇଥିବା ସମ୍ପତିରୁ ସରକାର ଗ୍ରାହକମାନଙ୍କୁ ପୈଠ କରିବା ପାଇଁ ଅଦାଲତ ରାୟ ଦେଇଛନ୍ତି । ଏଫ୍.ଟି.ଏକ୍ସ. ଗ୍ରାହକମାନେ ୮୦୦ କୋଟି ଡଲାର୍ କ୍ଷତି ସହିଥିବା ବେଳେ ଏଫ୍.ଟି.ଏକ୍ସ. ଅଂଶଧନ ପୁଞ୍ଜିନିବେଶକାରୀମାନେ ୧୦୭ କୋଟି ଡଲାର୍ କ୍ଷତି ସହିଛନ୍ତି ।

## ପିଏମ୍-ଏକ୍ସ ଗ୍ରାସିଆ

ପ୍ରଧାନମନ୍ତ୍ରୀ ଜାମ୍ମୁ କାଶ୍ମୀରର ରାମବନ ଦୁର୍ଘଟଣାରେ  ଶୋକ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ମୃତ୍ୟୁ ଲୋକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ

ରିଲିଫ୍ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରିବାକୁ ସେ ଘୋଷଣା କରିଛନ୍ତି । ଏକ ବାର୍ତ୍ତାରେ ଶ୍ରୀ ମୋଦୀ ଶୋକସନ୍ତପ୍ତ ପରିବାର ଗୁଡ଼ିକୁ ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ବିହାର-ଏ.ଆଇ.ଏମ୍.ଆଇ.ଏମ୍.

ଅଲ୍ ଇଣ୍ଡିଆ ମଜଲିସେ ଇତେହାଦୁଲ୍ ମୁସ୍‌ଲିମିନ୍ ବିହାରରେ ୧୬ଟି ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବ । ଅଲ୍ ଇଣ୍ଡିଆ ମଜଲିସେ ଇତେହାଦୁଲ୍ ମୁସ୍‌ଲିମିନ୍ ରାଜ୍ୟ ଶାଖା ସଭାପତି ଅଖ୍‌ତରଉଲ୍ ଇମାନ୍ କହିଛନ୍ତି, ପାର୍ଟି ପାଟଳିପୁତ୍ର, ସମସ୍ତିପୁର, ସୀତାମାଢ଼ି, ବାଲ୍ମିକୀ ନଗର ଓ ମଧୁବନୀ ଲୋକସଭା ଆସନରୁ ପ୍ରାର୍ଥୀ ଛିଡ଼ା କରାଇବ । ପୂର୍ବରୁ ପାର୍ଟି ୧୧ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀମାନଙ୍କର ନାମା ଘୋଷଣା କରିଥିଲା । ସେହି ଆସନ ଗୁଡ଼ିକ ମଧ୍ୟରେ କିଶନ୍‌ଗଞ୍ଜ, ପୁର୍ଣ୍ଣିଆ, କଟିହାର୍, ଅରାରିଆ, ଦରଭଙ୍ଗା, ଭାଗଲପୁର, କରାକାଟ, ବକ୍ସାର, ଗୟା, ମୁଜାଫରପୁର ଓ ଉଜିଆର୍‌ପୁର ଥିଲା ।

# ବ୍ୟାଡ୍‌ମିଣ୍ଟନ

ମାଡ୍ରିଦ୍ ସ୍ପେନ୍ ମାଷ୍ଟର୍ସ୍ ଟୁର୍ଣ୍ଣାମେଣ୍ଟରେ ମିକ୍ସଡ୍ ଡବଲ୍ସ ଜୋଡ଼ି ଏନ୍. ସିକ୍କି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀ ଇଣ୍ଡୋନେସିଆର ରେହାନ୍ ନୌଫଲ୍ କୁସାରଜାନ୍ତୋ ଏବଂ ଲିସା ଅୟୁ କୁସୁମାୱତିଙ୍କୁ ୨୧-୧୪, ୧୧-୨୧ ଓ ୧୭-୨୧ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ପି.ଭି. ସିନ୍ଧୁ ଆଜି କ୍ୱାର୍ଟର ଫାଇନାଲ୍‌ରେ ଥାଇଲାଣ୍ଡର ସୁପାନିଦା କେଟେଥୋଙ୍ଗଙ୍କୁ ଭେଟିବେ । ସିନ୍ଧୁ ଗତକାଲି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ । ସେ ଚିନ୍ ତାଇପେଇର ୱାଇ ହ୍ୱାଙ୍ଗ୍‌ଙ୍କୁ ୨୧-୧୪ ଓ ୨୧-୧୨ରେ ପରାସ୍ତ କରିଥିଲେ । କ୍ୱାର୍ଟର ଫାଇନାଲ୍‌ରେ ସେ ଥାଇଲାଣ୍ଡ ସୁପାନିଦା କେଟେଥୋଙ୍ଗଙ୍କୁ ଭେଟିବେ ।

ପୁରୁଷ ଡବଲ୍ସ ଯୋଡ଼ି ଧ୍ରୁବ କପିଲା ଓ ଏମ୍.ଆର୍. ଅର୍ଜୁନ ମଧ୍ୟ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେମାନେ ସ୍କଟ୍‌ଲ୍ୟାଣ୍ଡର ସି. ଗ୍ରିମ୍‌ଲେ ଓ ଏମ୍. ଗ୍ରିମ୍‌ଲେଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ । କ୍ୱାର୍ଟର ଫାଇନାଲ୍‌ରେ ସେମାନେ ମ୍ୟାଲେସିଆର ଜେ. ଅରିଫ୍ ଓ ଆର୍. ୟାପଙ୍କୁ ଭେଟିବେ ।